## ସଂକ୍ଷେପରେ

### ନିଜ ଘର ଜାଳି ଦେଲେ

ପାଟଣା,୨୬।୪(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ମଲ୍ଲୀପଶି ଗାଁରେ ସୋମବାର ଅପରାହ୍ନରେ ମାନସିକ ବିକାର ଗ୍ରସ୍ତ ଯୁବକ ମେଘନାଦ ରଣା ଘରେ ଝଗଡା କରିବା ପରେ ନିଜ ଘରେ ନିଆଁ ଲଗାଇଦେଇଛନ୍ତି। ନିଆଁ ଲାଗି ଦୁଇ ବଖରା ଖପର ଘର ସମ୍ପୂର୍ଣ୍ଣ ଜଳି ପୋଡି ନଷ୍ଟ ହେବା ସହ ଘରେ ଥିବା ଆସବାବ ପତ୍ର ନଷ୍ଟ ହୋଇଯାଇଛି। ଖବର ପାଇ ପାଟଣା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।

### କୁଣ୍ଡଳାରେ ମା’ ବନଦୁର୍ଗାଙ୍କ ସୁରମ୍ୟ ମନ୍ଦିର ପ୍ରତିଷ୍ଠା

ପାଟଣା,୨୬।୪(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା କୁଣ୍ଡଳା ପଞ୍ଚାୟତ କୁଣ୍ଡଳା ଛକରେ ବନଦୁର୍ଗା ସୁରମ୍ୟ ମନ୍ଦିର ସହ ମା’ଙ୍କର ମୁଗୁନି ପ୍ରସ୍ତରରେ ନିର୍ମିତ ବିଗ୍ରହ ପ୍ରତିଷ୍ଠା ସମ୍ପନ୍ନ ହୋଇଛି। ମା’ ବନଦୁର୍ଗା ମନ୍ଦିର ପ୍ରତିଷ୍ଠା କମିଟି ପକ୍ଷରୁ କର୍ତ୍ତା ଭାବେ ମନ୍ଦିରର ଉଦ୍ୟକ୍ତା ଆଷାଢୁ ନାଏକ ଓ ତାଙ୍କ ସ୍ତ୍ରୀ ସୁମିତ୍ରା ନାଏକ କର୍ତ୍ତା ଭାବେ ଦେବନୀତି ସମ୍ପନ୍ନ କରିଥିଲେ। ପୂଜକ ଭାବେ ପଣ୍ଡିତ ଅଲେଖ ଚନ୍ଦ୍ର ତ୍ରିପାଠୀ, ତରୁଣ କୁମାର ତ୍ରିପାଠୀ, ନିରଞ୍ଜନ କର ନୀତିକାନ୍ତି ପୂଜା ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ କରିଥିଲେ। ୨ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର କମିଟି ତରଫରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନ ସହ ପଣା ବ୍ୟବସ୍ଥା ହୋଇଥିଲା। ସରପଞ୍ଚ ଶତ୍ରୁଘ୍ନ ନାଏକ, ସାମାଜିକ କର୍ମୀ ଇଂ ବିଦ୍ୟାଧର ଦାଶ, ଭବାନିଶଙ୍କର ମହାନ୍ତ, କମଳାକାନ୍ତ ପତି, ରାଇଚରଣ ମହାନ୍ତ, ଦୀନବନ୍ଧୁ ମହାନ୍ତ, ଶୁଭମ ନାଏକ, ଅଜୟ ମହାନ୍ତ ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

### ଦେବାଶିଷ ଗଣିତ ପ୍ରତିଭା ପରୀକ୍ଷାରେ ରାଜ୍ୟରେ ଟପ୍ପର

ପାଟଣା,୨୬।୪(ସ୍ୱ.ପ୍ର.):କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ସରସତୀ ଶିଶୁ ବିଦ୍ୟାମନ୍ଦିର ତୃତୀୟ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ର ଦେବାଶିଷ ଦାଶ ଶିକ୍ଷାବିକାଶ ସମିତି ଓଡିଶା ଦ୍ୱାରା ପରିଚାଳିତ ଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ପାଟଣା ମୁଖ୍ୟାଳୟ ଦୁର୍ଗାଦେଇପୁର ଶାସନର ହିନ୍ଦୀ ଶିକ୍ଷକ ସରୋଜ କୁମାର ଦାଶ ଓ ଶିକ୍ଷୟିତ୍ରୀ ଗୀତାଞ୍ଜଳୀଙ୍କ ସୁପୁତ୍ର। ଦେବାଶିଷ ମୋଟ ୧୦୦ ନମ୍ବରରୁ ୯୨ ପ୍ରତିଶତ ନମ୍ବର ରଖି ଏହି ସଫଳତା ଲାଭ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ପ୍ରଧାନ ଆଚାର୍ଯ୍ୟ ସତ୍ୟଜିତ ପ୍ରଧାନ ଓ ସହ ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ଭାଜପା ଛାଡ଼ିଲେ ପୂର୍ବତନ ସମିତିସଭ୍ୟା

ଖଇରା,୨୬।୪(ଡି.ଏନ.ଏ.)- ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟା ପଞ୍ଚାୟତରେ ୨ଥର ଲଗାତାର ସମିତିସଭ୍ୟା ଭାବେ ବିଜୟୀ ହୋଇଥିବା ଉର୍ବଶୀ ଗିରି ମଙ୍ଗଳବାର ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ସେ ତାଙ୍କର ଇସ୍ତଫାପତ୍ର ଜିଲା ଏବଂ ମଣ୍ଡଳ ସଭାପତିଙ୍କ ନିକଟକୁ ପଠାଇଥିବା କହିଛନ୍ତି । ଦୀର୍ଘ ୧୫ବର୍ଷ ଧରି ସେ ଓ ତାଙ୍କର ପରିବାର ଲୋକେ ଭାଜପାରେ ରହି ଶୃଙ୍ଖଳିତ ଭାବେ କାର୍ଯ୍ୟ କରି ଆସୁଥିଲେ । ହେଲେ ଏବେ ସିମୁଳିଆ ନିର୍ବାଚନମଣ୍ଡଳୀରେ ଦଳ ବ୍ୟକ୍ତିକେନ୍ଦ୍ରିକ ହେବା ଏବଂ ବିକାଶକୁ ପ୍ରାଧାନ୍ୟ ଦିଆ ନ ଯିବା ବିଶେଷକରି ତାଙ୍କର କାର୍ଯ୍ୟକୁ ନେଇ ସନ୍ଦେହ କରାଯିବାରେ ସେ ଦଳ ଛାଡିଥିବା କହିଛନ୍ତି । ଖୁବଶୀଘ୍ର ସେ ବିଜେଡିରେ ଯୋଗଦେଇ ପାରନ୍ତି ବୋଲି କୁହାଯାଉଛି ।

### ଅବସରପ୍ରାପ୍ତ ନିର୍ବାହୀଯନ୍ତ୍ରୀଙ୍କ ପରଲୋକ



ବାଲେଶ୍ୱର ଅଫିସ, ୨୬।୪: ବାଲେଶ୍ୱର ସହର ଶ୍ରୀକଣ୍ଠପୁର ନିବାସୀ ତଥା ପୂର୍ବତନ ନିର୍ବାହୀଯନ୍ତ୍ରୀ ଇଂ. ଚାରୁଚନ୍ଦ୍ର ପରିଡ଼ା(୮୨)ଙ୍କର ଗତ ଶନିବାର ପରଲୋକ ହୋଇଯାଇଛି। ଅସୁସ୍ଥତା କାରଣରୁ ସେ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ପରିଡ଼ା ଜଣେ ମିଷ୍ଟଭାଷୀ, ପରୋପକାରୀ ତଥା ବଦାନ୍ୟ ବ୍ୟକ୍ତି ଥିଲେ। ତାଙ୍କର ପ୍ରଚେଷ୍ଟାରେ ତାଙ୍କ ପୈତୃକ ଗ୍ରାମ ଭଅଁରେଶ୍ୱରଠାରେ ଏକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠିତ ହୋଇଛି। ସେ ଅନ୍ୟାନ୍ୟ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷମାନଙ୍କୁ ମଧ ଅନେକ ସହଯୋଗ କରିଥାନ୍ତି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ନୀଳଗିରିକୁ ଯାତ୍ରୀବାହୀ ଟ୍ରେନ୍ ଖୁବ୍‌ଶୀଘ୍ର

## ସ୍ଥିତି ଅନୁଧ୍ୟାନ କଲେ ଖଡଗପୁର ଡିଆର୍‌ଏମ୍

ବାଲେଶ୍ୱର ଅଫିସ, ୨୬।୪

ଦକ୍ଷିଣ ପୂର୍ବ ରେଳପଥ ଖଡ଼ଗପୁର ମଣ୍ଡଳ ଡିଆର୍‌ଏମ୍ ମନୋରଞ୍ଜନ ପ୍ରଧାନ ମଙ୍ଗଳବାର ବାଲେଶ୍ୱର ଗସ୍ତରେ ଆସି ରେଳଷ୍ଟେଶନର ମଡ଼େଲ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ଏଥିସହ ନୀଳଗିରିକୁ ଯାତ୍ରୀବାହୀ ଟ୍ରେନ ଚଳାଚଳ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ନୀଳଗିରି ଗୋପୀନାଥପୁରରେ ଆସନ୍ତା ସପ୍ତାହରେ ନୂତନ ପ୍ଲାଟଫର୍ମ ନିର୍ମାଣ ଓ ଅତିଶୀଘ୍ର ଯାତ୍ରୀବାହୀ ଟ୍ରେନ ଚଳାଚଳ ସମ୍ପର୍କରେ ଡିଆରଏମ୍ ସୂଚନା ଦେଇଛନ୍ତି।

ଡିଆର୍‌ଏମ୍ ପ୍ରଧାନ ରେଲୱେର ସିନିଅର ଡିଭିଜିନାଲ ଇଞ୍ଜିନିୟର, ଡିଭିଜିନାଲ ଇଞ୍ଜିନିୟର, ସିନିଅର ଡିଭିଜିନାଲ ସିକ୍ୟୁରିଟି କମିଶନର ଏବଂ ସିନିଅର ଡିଭିଜିନାଲ କମର୍ସିଆଲ ମ୍ୟାନେଜରଙ୍କ ସହ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସହ କାର୍ଯ୍ୟାଳୟରେ ଆଲୋଚନା କରିଛନ୍ତି। ବାଲେଶ୍ୱର ରେଳଷ୍ଟେଶନର ରୂପରେଖ ପରିବର୍ତ୍ତନ ହୋଇ ଆଗାମୀ ଦିନରେ ମଡ଼େଲ ଷ୍ଟେଶନରେ ପରିଣତ ହେବାକୁ ଯାଉଛି। ପୂର୍ବରୁ ମଡେଲ ଷ୍ଟେଶନ ପାଇଁ ଶିଳାନ୍ୟାସ ଶେଷ ହୋଇଥିବା ବେଳେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ପ୍ରସ୍ତାବିତ ମଡ଼େଲ ଷ୍ଟେଶନ ନିର୍ମାଣ ପାଇଁ ଭିତ୍ତିଭୂମି ଓ ଜବରଦଖଲ ଉଚ୍ଛେଦ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଲୋଚନା ପରେ ଡିଆର୍‌ଏମ୍ ଓ ତାଙ୍କ ସହ ଆସିଥିବା ରେଳ ବିଭାଗ ଅଧିକାରୀମାନେ ନୀଳଗିରି ଗସ୍ତ କରିଥିଲେ। ନୀଳଗିରିକୁ ଯାତ୍ରୀବାହୀ ଟ୍ରେନ ଚଳାଚଳ ନେଇ ଷ୍ଟେଶନବିଲଡିଂ ଓ ରହଣି ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଏନେଇ ଡିଆର୍‌ଏମ୍ ପ୍ରଧାନ କହିଛନ୍ତି, ବାଲେଶ୍ୱର ରେଳଷ୍ଟେଶନକୁ ଆଧୁନିକୀକରଣ କରାଯିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ରେଳଷ୍ଟେଶନର ପଶ୍ଚିମପଟେ ନୂତନ ଗୃହ ଆରମ୍ଭ ହେବା ସହ ଜବରଦଖଲ ଉଚ୍ଛେଦ ପାଇଁ ଜିଲାପାଳଙ୍କ ସହ ଆଲୋଚନା କରିଛି। ଅନ୍ୟପଟେ ନୀଳଗିରିକୁ ରେଳ ଚଳାଚଳ ପାଇଁ ଆବଶ୍ୟକ ଭିତ୍ତିଭୂମି ଯାଞ୍ଚ କରାଯାଉଛି। ବିଦ୍ୟୁତ୍ ସଂଯୋଗୀକରଣ ଥିବା ବେଳେ ରେଳଲାଇନ୍‌ର ସୁଦୃଢ଼ ଏବଂ ପ୍ଲାଟଫର୍ମ ନିର୍ମାଣ ପାଇଁ ସ୍ଥାନ ସ୍ଥିର ହୋଇସାରିଛି।



ବାଲେଶ୍ୱର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଖଡ଼ଗପୁର ଡିଆର୍‌ଏମ୍ ମନୋରଞ୍ଜନ ପ୍ରଧାନ।

# ଘରେ ପଶି ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ

## ଲୁଟି ନେଲେ ସୁନା ଗହଣା, ନଗଦ ଟଙ୍କା

ଭଦ୍ରକ ଅଫିସ, ୨୬।୪

ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ସାହାପୁର ବଜାର ନିକଟସ୍ଥ ଜନୈକ ବ୍ୟକ୍ତିଙ୍କ ଘରେ ବିଳମ୍ବିତ ରାତିରେ ପଶି ୩ ଜଣ ଦୁର୍ବୃତ୍ତ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଘରେ ଥିବା ସୁନା, ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ସୂଚନା ମୁତାବକ ସୋମବାର ବିଳମ୍ବିତ ରାତିରେ ସାହାପୁର ବଜାର ନିକଟସ୍ଥ ଶ୍ରୀକାନ୍ତ ମହାନ୍ତିଙ୍କ ଘରର କାନ୍ଥ ଭାଙ୍ଗି ପଶିବା ପାଇଁ ଲୁଟେରାମାନେ ଚେଷ୍ଟା କରିଥିଲେ। ଶ୍ରୀକାନ୍ତ ନିଦରୁ ଉଠି ବାରଣ କରିବାରୁ ମୁଖା ପିନ୍ଧିଥିବା ୩ ଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ଘର ଭିତରକୁ ପଶି ଯାଇଥିଲେ। ଘରେ ଶ୍ରୀକାନ୍ତଙ୍କ ସ୍ତ୍ରୀ ସସ୍ମିତା ଓ ତାଙ୍କ ବୃଦ୍ଧା ମା’ଙ୍କୁ ଭୁଜାଲି ଓ ଲୁହାରଡ଼୍‌ରେ ଆକ୍ରମଣ କରିବା ସହ ସୁନାଚେନ, ମଙ୍ଗଳସୂତ୍ର, କାନଫୁଲ ଆଦି ଅଳଙ୍କାର ସହିତ ନଗଦ ୫ ହଜାର ଟଙ୍କା ଲୁଟି ନେଇଥିଲେ। ଭୟରେ ତାଙ୍କ ଛୋଟପୁଅକୁ ସସ୍ମିତା ଖଟତଳେ ଲୁଚାଇ ଦେଇଥିଲେ। ଶ୍ରୀକାନ୍ତଙ୍କ ହାତ ଓ ମୁହଁରେ ଆଘାତ ହୋଇଥିବା ବେଳେ ସସ୍ମିତାଙ୍କ ମୁହଁରେ ମଧ୍ୟ ଆଘାତ ଲାଗିଛି। ଶ୍ରୀକାନ୍ତଙ୍କ ଘର ରାସ୍ତା ପାର୍ଶ୍ୱରେ ଏକ ନିରୋଳା ସ୍ଥାନରେ ହୋଇଥିବାରୁ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଲୁଟ୍ କରିଥିଲେ। ଏହି ସମୟରେ ରାସ୍ତାରେ ଯାଉଥିବା ଲୋକଙ୍କ ପାଟି ଶୁଣି ଲୁଟେରାମାନେ ଘରପଛ ପଟ ବିଲ ରାସ୍ତାରେ ପଳାଇ ଯାଇଥିଲେ। ୩ ଜଣ ଘରେ ପଶିଥିବା ବେଳେ ଜଣେ ବାହାରେ ଜଗି ରହିଥିବା ଶ୍ରୀକାନ୍ତ କହିଛନ୍ତି। ଖବର ପାଇ ପୀରହାଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୂର୍ବାହ୍ନରେ ବାଲେଶ୍ୱରରୁ ସାଇଣ୍ଟିଫିକ ଟିମ୍ ଆସି ଚଟାଣରେ ପଡ଼ିଥିବା ରକ୍ତଛିଟାକୁ ସଂଗ୍ରହ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଶ୍ରୀକାନ୍ତ ପୀରହାଟ ଥାନାରେ ଅଭିଯୋଗ କରିଥିବା ବେଳେ ଏକ ମାମଲା ରୁଜୁ କରାଯାଇଛି।

# ଉଲିବୁରୁ ଗୋଷ୍ଠୀ ସଂଘର୍ଷ ଘଟଣାରେ ୪ ଗିରଫ

ବଡବିଲ, ୨୬।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଉଲିବୁରୁ ଗ୍ରାମରେ ଗତ ରବିବାର ସନ୍ଧ୍ୟାରେ ରାଜନୈତିକ ହିଂସାରୁ ଗୋଷ୍ଠୀ ସଂଘର୍ଷ ଘଟଣାରେ ପୋଲିସ ମଙ୍ଗଳବାର ଗୋଟିଏ ପକ୍ଷରୁ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚନ୍ଦନ ମୁଣ୍ଡା ଓରଫ୍ ଚରଣ, କାହ୍ନୁ ଚରଣ ମୁଣ୍ଡା, ମନ ମୁଣ୍ଡା ଏବଂ ଗଙ୍ଗାରାମ ମୁଣ୍ଡା। ସୂଚନା ଅନୁଯାୟୀ, ଗତ ପଞ୍ଚାୟତ ନିର୍ବାଚନରେ କାରାଖେଣ୍ଡରା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଭାବେ ଉଲିବୁରୁ ଗ୍ରାମର ସୁବାଷ ସୀତାରୀ ଏବଂ କାହ୍ନୁ ଚରଣ ମୁଣ୍ଡା ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଏଥିରେ କାହ୍ନୁଙ୍କର ପରାଜୟ ହୋଇଥିଲା। ତେବେ ନିର୍ବାଚନୀ ଫଳାଫଳକୁ ନେଇ ଉଭୟ ପକ୍ଷର ସମର୍ଥକଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ଦୁଇ ଗୋଷ୍ଠୀର ସମର୍ଥକମାନେ ରକ୍ତମୁଖା ହୋଇ ରବିବାର ମୁହାଁମୁହିଁ ହୋଇଥିଲେ। ସରପଞ୍ଚ ସୁବାଷଙ୍କ ସମର୍ଥକ ଗଣେଶ ମୁଣ୍ଡାଙ୍କ ଗୁଳିମାଡରେ ପରାଜିତ ପ୍ରାର୍ଥୀ କାହ୍ନୁଙ୍କ ସମର୍ଥକ ଚନ୍ଦନ ମୁଣ୍ଡା ଗୁରୁତର ଆହତ ହୋଇଥିଲେ। ସେହିପରି ପରାଜିତ ପ୍ରାର୍ଥୀ କାହ୍ନୁଙ୍କ ସମର୍ଥକଙ୍କ ଠେଙ୍ଗା ଓ ଦାଉଲି ଆକ୍ରମଣରେ ଗଣେଶ ମୁଣ୍ଡା ଓ ଦଙ୍ଗେଇ ମୁଣ୍ଡା ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସୋମବାର ପୋଲିସ ଉଭୟ ପକ୍ଷଙ୍କ ଏତଲାକୁ ଭିତ୍ତି କରି ଦୁଇଟି ମାମଲା (ନଂ. ୭୨/୨୦୨୨ ) ଏବଂ (ନଂ.୭୩/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ ମଙ୍ଗଳବାର ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଗଞ୍ଜେଇ ବେପାରୀ ଗିରଫ

ଖୁଣ୍ଟା/କୁଆମରା, ୨୬।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଭୋଳାଗଡ଼ିଆ ରାସ୍ତାରୁ ଅବକାରୀ ବିଭାଗ ଜଣେ ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ତାଙ୍କଠାରୁ ୧କିଲୋ ୮୫୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇର ମୂଲ୍ୟ ୧୦ ହଜାର ଟଙ୍କା ହେବ। ଅଭିଯୁକ୍ତ ଜଣକ ହେଲେ ବଡ଼ଓଳିଆ ଗ୍ରାମର ସାଧବ ଗିରିଙ୍କ ପୁଅ ଦଶରଥ। ଦଶରଥ ଖୁଣ୍ଟା ତଥା ବିଭିନ୍ନ ଅଞ୍ଚଳକୁ ଗଞ୍ଜେଇ ଚାଲାଣ କରୁଥିବା ସମ୍ପର୍କରେ ଜିଲା ଅବକାରୀ ବିଭାଗକୁ ଖବର ମିଳିଥିଲା। ଅବକାରୀ ବିଭାଗ ଆରକ୍ଷୀ ଅଧିକ୍ଷକ ଅଶୋକ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଉଦଳା ଓ ଖୁଣ୍ଟା ଅବକାରୀ ବିଭାଗ ମିଳିତଭାବେ ଚଢ଼ାଉ କରିଥିଲେ। ଅବକାରୀ ବିଭାଗ କର୍ମଚାରୀ ଆସୁଥିବା ଖବର ପାଇ ଦଶରଥ ଗଞ୍ଜେଇ ଭର୍ତ୍ତି ବ୍ୟାଗକୁ ଧରି ଦୌଡ଼ି ପଳାଇ ଯାଉଥିବା ବେଳେ ବିଭାଗୀୟ କର୍ମଚାରୀ ତାଙ୍କୁ କାବୁ କରି ନେଇଥିଲେ। ଏନେଇ ବିଭାଗ ପକ୍ଷରୁ ଏକ ମାମଲା(ନଂ.୬୯/୨୨) ରୁଜୁ ହେବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜବତ ଗଞ୍ଜେଇକୁ ବାରିପଦାସ୍ଥିତ ଜିଲା କାର୍ଯ୍ୟାଳୟକୁ ପଠାଇ ଦିଆଯାଇଛି। ଏହି ଚଢ଼ାଉରେ ଡେପୁଟି ଏସ୍‌ପି ଦେବୀ ପ୍ରସାଦ ମିଶ୍ର, ଉଦଳା ଅବକାରୀ ବିଭାଗ ମୁଖ୍ୟ ଅଭିରାମ ବେହେରା, ଖୁଣ୍ଟା ଅବକାରୀ ବିଭାଗ ମୁଖ୍ୟ ପ୍ରସନ୍ନ କୁମାର ଜାଲି, କର୍ମଚାରୀ ବିଜୟ କୁମାର ମହାନ୍ତ, ତମନ ପରିଡ଼ା, ଦୀପାଞ୍ଜଳି ଦାସ, ବିଶ୍ୱନାଥ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

# ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କଲେ ପଞ୍ଚାୟତବାସୀ

ଯୋଡ଼ା,୨୬।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅନ୍ତର୍ଗତ ବିରିକଳା ଓ କଣ୍ଡରା ପଞ୍ଚାୟତବାସୀ ବିଭିନ୍ନ ସମସ୍ୟା ଉପସ୍ଥାପନ କରି ସୋମବାର ଜିଲାପାଳଙ୍କୁ ଏକ ଲିଖିତ ଦାବିପତ୍ର ଦେଇଛନ୍ତି। ୫ଦଫା ଦାବି ଗୁଡ଼ିକ ହେଲା ବିଲେଇପଦାରୁ ଆସୁଥିବା ରାସ୍ତା ଟାଟା ସ୍ପଞ୍ଜ ମୁଖ୍ୟ ଏବଂ ମାଟେରିଆଲ ଫାଟକ ସଂଯୋଗ କରୁ ନ ଥିବାରୁ କାଳିଆବେଡ଼ା, ଲହଣ୍ଡାରେ ରହୁଥିବା ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେବେ। ଏଣୁ ଏହି ରାସ୍ତାଟିକୁ ସଂଯୋଗ କରାଯିବା, ସ୍ଥାନୀୟ ବିଭିନ୍ନ ଖଣିରୁ ଖଣିଜ ପରିବହନ ବେଳେ ବିଲେଇପଦା, ମୁର୍ଗା ଛକ ଠାରେ ଦୁର୍ଘଟଣା ହୋଇଥାଏ, ଏହାକୁ ରୋକିବା ପାଇଁ ଉକ୍ତ ସ୍ଥାନରେ ଏକ ଲାଇଟ ପୋଷ୍ଟ ଓ ଗୋଲେଇ ଛକ ନିର୍ମାଣ କରାଯିବା, ବିଲେଇପଦା। ତାରିଣୀ ଛକ ଠାରୁ ବିରିକଳା, ଦଡୁଆଁ, ଇଙ୍ଗାଣି ଝରଣ, ଗୋବିନ୍ଦପୁର,ଏବଂ ଟାଟା କଲୋନୀକୁ ଯିବା ପାଇଁ ଅଣ୍ଡର ପାସ ନିର୍ମାଣ କରାଯିବା, ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ସଙ୍କେତ ଚିହ୍ନ ଓ ଟ୍ରାଫିକ ପୋଷ୍ଟ ନିର୍ମାଣ, ବିଲେଇପଦା ଗ୍ରାମର ନାମକୁ ଓଡ଼ିଆରେ ଭୁଲ ଭାବେ ଲେଖା ଯାଇଥିବାରୁ ଏହାକୁ ସଂଶୋଧନ କରି ଲେଖାଯିବା ପ୍ରଭୃତି ଦାବି କରି ବିରିକଳା ସରପଞ୍ଚ, ନାଏବ ସରପଞ୍ଚ ଓ ସମିତିସଭ୍ୟ ଦସ୍ତଖତ ସମ୍ବଳିତ ଲିଖିତ ଦାବିପତ୍ର ଦେଇଛନ୍ତି।

# ଗ୍ରାମବାସୀ, ସରପଞ୍ଚ କଲେ ରାଜ୍ୟ ରାଜପଥ ମରାମତି


ଗ୍ରାମବାସୀ ଓ ସରପଞ୍ଚଙ୍କ ଦ୍ୱାରା ରାସ୍ତା ମରାମତି କରାଯାଉଛି।

## ଫେଲ୍ ମାରିଲା ପୂର୍ତ୍ତ ବିଭାଗ

ସଜନାଗଡ଼, ୨୬।୪(ଡି.ଏନ.ଏ.)

ବାଲେଶ୍ୱର ଜିଲାରୁ ମୟୂରଭଞ୍ଜ ଜିଲାକୁ ସଂଯୋଗ କରୁଥିବା ୧୯ନଂ. ରାଜ୍ୟ ରାଜପଥ ନୀଳଗିରିରୁ ଝରଣଘାଟି ପର୍ଯ୍ୟନ୍ତ ରାସ୍ତାର କିଛି କିଛି ସ୍ଥାନରେ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳିଲାନି। ଫେଲ୍ ମାରିଲା ପୂର୍ତ୍ତବିଭାଗ। ଶେଷରେ ରାଜ୍ୟ ରାଜପଥକୁ ପ୍ରାଖ ଗ୍ରାମବାସୀ ଓ ସରପଞ୍ଚ ମିଶି ମରାମତି କରିଛନ୍ତି। ପ୍ରତିଦିନ ଉକ୍ତ ରାସ୍ତାରେ ଶହ ଶହ ଭାରିଯାନ, ଯାତ୍ରୀବାହୀ ଯାନ, ଆମ୍ବୁଲାନ୍ସ, ସ୍କୁଲଗାଡ଼ି ଯାତାୟାତ କରିଥାନ୍ତି। ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ଗାତ ହୋଇଯାଇଥିବା ବେଳେ ଏଥିରେ ପିଟି ହୋଇ ବାଇକ୍ ଓ ସାଇକେଲ ଆରୋହୀ ବାରମ୍ବାର ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ନୀଳଗିରି ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଶେଷରେ ସଜନାଗଡ଼ ପଞ୍ଚାୟତ ଭାଲୁକାଶୁଣୀ ଗ୍ରାମର କେତେଜଣ ବାସିନ୍ଦା ଓ ନବନିର୍ବାଚିତ ସରପଞ୍ଚ ପ୍ରଦୀପ କୁମାର ଖାଲପାଳିଆ ରାଜ୍ୟ ରାଜପଥର ଭାଲୁକାଶୁଣି ଛକଠାରେ ବିଭିନ୍ନ ସ୍ଥାନରେ ମାଟି ଗୋଡ଼ି ପକାଇ ମରାମତି କରିଛନ୍ତି। ଯୁବ ସରପଞ୍ଚଙ୍କ ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ବ୍ଲକ ଅଫିସ ଆଗରେ ଦୁଇଗୋଷ୍ଠୀ ମୁହାଁମୁହିଁ

ବାସୁଦେବପୁର,୨୬।୪(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଏକ ପଞ୍ଚାୟତର ଦୁଇ ରାଜନୈତିକ ଗୋଷ୍ଠୀ ମଙ୍ଗଳବାର ଅପରାହ୍ନରେ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ମୁହାଁମୁହିଁ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ନବ ନିର୍ବାଚିତ ସରପଞ୍ଚଙ୍କ ସମର୍ଥକମାନେ ପଞ୍ଚାୟତର କେତେକ ସମସ୍ୟାକୁ ନେଇ ବ୍ଲକରେ ମୁହାଁମୁହିଁ ହୋଇଥିଲେ। ଅପରାହ୍ନରେ ଏହି ଘଟଣାକୁ ନେଇ ପୂର୍ବତନ ସରପଞ୍ଚ ଓ ବର୍ତ୍ତମାନର ସରପଞ୍ଚଙ୍କ ସମର୍ଥକମାନେ ଠେଲାପେଲା ଲାଗିବା ସହ ହାତାହାତି ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟପକ୍ଷଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଏହି ଘଟଣାରେ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଉଦଳା,୨୬।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା – ବାରିପଦା ରାଜ୍ୟ ରାଜପଥର ମଧୁପୁର ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗଡ଼ିଗାଁ ଗ୍ରାମର ସୁଶାନ୍ତ ମଢ଼େଇ। ଉଦଳାରୁ କାମ ସାରି ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଏକ ବାଲି ବୋଝେଇ ଡମ୍ଫର ପଛରେ ପିଟି ହୋଇଯାଇଥିଲେ। ଉଦଳା ଅଗ୍ନିଶମ ବିଭାଗ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୨୮/୨୨) ରୁଜୁହୋଇଛି।

# ମନ୍ଦିର ପ୍ରତିଷ୍ଠା, ସମ୍ବର୍ଦ୍ଧନା ସମାରୋହ

ଖଇରା, ୨୬।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ କଅଁଳଖୁଣ୍ଟା ଗ୍ରାମରେ ହନୁମାନଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ୨୧ରୁ ୨୩ତାରିଖ ୩ଦିନ ଧରି ଯଜ୍ଞ, ହନୁମାନ ଚାଳିଶା ପାଠ, ଭଜନ ସନ୍ଧ୍ୟା ସାଙ୍ଗକୁ ସମ୍ବର୍ଦ୍ଧନା ସମାରୋହ ହୋଇଥିଲା। ହାଡିବନ୍ଧୁ ସ, ଉଦୟନାଥ ଖୁଣ୍ଟିଆ, ଶମ୍ଭୁନାଥ ଖୁଣ୍ଟିଆ, ରାଜେନ୍ଦ୍ର ଓଝା ପ୍ରମୁଖଙ୍କ ଦ୍ୱାରା ଗ୍ରାମ ପୋଖରୀରୁ କଳସ ଅଣାଯାଇଥିଲା। ୨୧ତାରିଖ ସନ୍ଧ୍ୟାରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଓଡିଶା ସରକାରଙ୍କ କଳା, ସଂସ୍କୃତି ଓ ମାନବ ସମ୍ବଳ ବିଭାଗ ସମ୍ପାଦକ ଶଶିକୁମାର ସାହୁ, ୩ନମ୍ବର ଜୋନ ଜିଲା ପରିଷଦ ସମ୍ପାଦକ ଗଜେନ୍ଦ୍ର ପ୍ରସାଦ ଦାସ, ସାମାଜିକ କର୍ମୀ ଗଜେନ୍ଦ୍ର ସେଠୀ ଓ ଅକ୍ଷୟ କୁମାର ଧାନ୍ଦା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ୨୨ତାରିଖରେ ଅତିଥି ଭାବେ ଯୋଗ ଦେଇଥିବା ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ୨୩ତାରିଖରେ ପୂର୍ବତନ ମନ୍ତ୍ରୀ ପଦ୍ମାଲୋଚନ ପଣ୍ଡାଙ୍କୁ ଯଜ୍ଞ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲେଶ୍ୱରରୁ ଆସିଥିବା ଶ୍ୟାମସୁନ୍ଦର ଜୀଉ ଗ୍ରୁପ ଦ୍ୱାରା ୧୦୮ ହନୁମାନ ଚାଳିଶା ଜପ କରାଯାଇଥିଲା। ବରେନ୍ଦ୍ର ସେଠୀ, ଗଜେନ୍ଦ୍ର ସେଠୀ, ରାମଚନ୍ଦ୍ର ସେଠୀ, ଭୋଳାନାଥ ସେଠୀ ଓ ଶମ୍ଭୁନାଥ ସଙ୍କ ସମେତ ସମସ୍ତ ଗ୍ରାମବାସୀ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ ।


ଶଶୀ କୁମାର ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ନିର୍ମାଣ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

ପଦ୍ମପୁର,୨୬।୪(ଡି.ଏନ.ଏ.)

ମଙ୍ଗଳବାର ଭଦ୍ରକ ଜିଲାପାଳ ତ୍ରିଲୋଚନ ମାଝି, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ବାସୁଦେବପୁର ବିଡିଓ ସତ୍ୟଜିତ ରାଉତ ଓ ଅନ୍ୟ ସରକାରୀ କର୍ମଚାରୀଙ୍କ ଉପସ୍ଥିତିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଚାଲୁଥିବା ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳ ମାଝି ପଦ୍ମପୁର ଜୟକୃଷ୍ଣ ଉଚ୍ଚ ବିଦ୍ୟାଳୟ, ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ, ସୁଆଁସ୍ଥିତ ଜୁଲିଆ ଉଚ୍ଚ ବିଦ୍ୟାଳୟ ଓ ଇରମ ଆଦର୍ଶ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ୫-ଟି ରୂପାନ୍ତରଣର ସମସ୍ତ ନିର୍ମାଣଧିନ କାର୍ଯ୍ୟର ସମୀକ୍ଷା କରି ତୁରନ୍ତ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ସୁଯୋଗ ବିଷୟରେ ଉପସ୍ଥିତ ଯନ୍ତ୍ରୀ, ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ବିଭାଗୀୟ ଯନ୍ତ୍ରୀ ଉତ୍ତମ କୁମାର ସାହୁ, ପଦ୍ମପୁର ସରପଞ୍ଚ ରାଜେନ୍ଦ୍ର ନାରାୟଣ ନାୟକ, ପଦ୍ମପୁର ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷ୍ଣୁମୋହନ ସାହୁଙ୍କ ସମେତ ସମସ୍ତ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ପରେ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ବିଷୟରେ ପ୍ରକଳ୍ପ ନିର୍ଦ୍ଦେଶକ ଓ ବିଡିଓଙ୍କ ସହ ଆଲୋଚନା କରିଥିଲେ।

# ୩୭,୪୨୭ ଛାତ୍ରୀଛାତ୍ର ଦେବେ ମାଟ୍ରିକ ପରୀକ୍ଷା

## ୧୯୦ ପରୀକ୍ଷା କେନ୍ଦ୍ରରୁ ୩୦ ଉତ୍ତେଜନା ପ୍ରବଣ ଚିହ୍ନଟ

ବାରିପଦା ଅଫିସ, ୨୬।୪

ଆସନ୍ତା ୨୯ ତାରିଖରୁ ଆରମ୍ଭ ହେବ ମାଟ୍ରିକ୍ ପରୀକ୍ଷା। ଏଥିନିମନ୍ତେ ମୟୂରଭଞ୍ଜ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲାରେ ଥିବା ୬୧୦ ହାଇସ୍କୁଲର ୩୭,୪୨୭ ଛାତ୍ରୀଛାତ୍ର ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବେ। କୋଭିଡ୍ ନିୟମ ପାଳନ ପୂର୍ବକ ଶ୍ରେଣୀଗୃହରେ ଛାତ୍ରୀଛାତ୍ର ଦୂରତା ରକ୍ଷା କରି ପରୀକ୍ଷା ଦେବେ। ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୬୧୦ ହାଇସ୍କୁଲ ମଧ୍ୟରୁ ୨୨୭ଟି ସରକାରୀ, ୨୨୭ଟି ନୂତନ ସରକାରୀ, ୨୦୨ଟି ବ୍ଲକଗ୍ରାଣ୍ଟ, ୪୨ ଟିଆର୍‌ଡବ୍ଲ୍ୟୁ ଓ ୧୧୭ଟି ବିଭିନ୍ନ ବର୍ଗର ସ୍କୁଲ ରହିଛି। ଏହିସବୁ ସ୍କୁଲରେ ପରୀକ୍ଷା ଦେବାକୁ ଛାତ୍ରୀଛାତ୍ରଙ୍କ ପାଇଁ ୧୯୦ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ସେଥିମଧ୍ୟରୁ ୩୦ଟି କେନ୍ଦ୍ର ଉତ୍ତେଜନା ପ୍ରବଣ ଚିହ୍ନଟ ହୋଇଥିବାରୁ କପି ରୋକିବା ନେଇ ତ୍ରିସ୍ତରୀୟ ସ୍କ୍ୱାଡ୍‌ର ବ୍ୟବସ୍ଥା କରାଯାଇଛି। ୨୬ ବ୍ଲକ ମଧ୍ୟରୁ କେବଳ ରାସଗୋବିନ୍ଦପୁରକୁ ଛାଡ଼ିଦେଲେ ୨୨ ବ୍ଲକରେ ଗୋଟିଏ ଲେଖାଏ, ବେତନଟୀ, ବଡ଼ସାହି ଓ ମୋରଡ଼ାରେ ଦୁଇଟି ଲେଖାଏ ଉତ୍ତେଜନାପ୍ରବଣ କେନ୍ଦ୍ର ରହିଛି। ପରୀକ୍ଷା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ପାଇଁ ଏଠାରେ ପ୍ରଶାସନିକ ଅଧିକାରୀ ତଦାରଖ କରିବା ସହ ପୋଲିସ ମୁତୟନ କରାଯିବ ବୋଲି ଶିକ୍ଷାଧିକାରୀ ନବ କିଶୋର ଗିରି ପ୍ରକାଶ କରିଛନ୍ତି।

ସେହିପରି କପି ରୋକିବାକୁ ବୋର୍ଡ ଦ୍ୱାରା ଗଠିତ ସ୍କ୍ୱାଡ୍, ଜିଲା ପ୍ରଶାସନ ଓ ଜିଲା ଶିକ୍ଷାଧିକାରୀଙ୍କୁ ନେଇ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ହୋଇଛି। ଚଳିତବର୍ଷ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ସୁବିଧା ପାଇଁ ନିଜ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଛି। ପରୀକ୍ଷା କେନ୍ଦ୍ର ହୋଇପାରି ନ ଥିବା ସ୍କୁଲର ଛାତ୍ରୀଛାତ୍ର ୨ରୁ ୩ କି.ମି. ମଧ୍ୟରେ ଥିବା କେନ୍ଦ୍ରରେ ପରୀକ୍ଷା ଦେବେ। ଯେଉଁ ସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଛି ସେହି ସ୍କୁଲର ପ୍ରଧାନଶିକ୍ଷକ ପରୀକ୍ଷା ପରିଚାଳନା ଦାୟିତ୍ୱରେ ରହିବେ। ଉକ୍ତ କେନ୍ଦ୍ରର କୌଣସି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପରୀକ୍ଷା ଦାୟିତ୍ୱ ଦିଆଯାଇ ନାହିଁ। ଅନ୍ୟ ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ପ୍ରଥମଦିନ ଛାତ୍ରୀଛାତ୍ର ଅଧ ଘଣ୍ଟାଏ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ସମୀକ୍ଷା ବୈଠକ

ବିକାଶ ପାଇଁ ମନ୍ତ୍ରୀ, ଅଧିକାରୀଙ୍କ ଆଲୋଚନା

**ଖଇରା, ୨୬।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ, ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଖଇରା ବିଡିଓ ପର୍ଶୁରାମ ପଣ୍ଡା ଯୋଗଦେଇ କିଭଳି ପଞ୍ଚାୟତରେ ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ସରପଞ୍ଚ ବନିତା ପ୍ରଧାନ, ସମିତିସଭ୍ୟା ବାସନ୍ତୀ ମହାନ୍ତି, ନାଏବ ସରପଞ୍ଚ ସଞ୍ଜିତା ପାଲ ତଥା ୧୮ଟି ୱାର୍ଡର ସଭ୍ୟା/ସଭ୍ୟ ଉପସ୍ଥିତ ଥିଲେ।

### ବିଷୁବ କବିତା ପାଠୋତ୍ସବ

**ଜଳେଶ୍ୱର, ୨୬।୪(ଡି.ଏନ.ଏ.):** ସବୁବର୍ଷ ପରି ଦୀନକୃଷ୍ଣ ସ୍ମୃତି ପରିଷଦର ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ପାଳନ ବାଲେଶ୍ୱର ଜିଲା ଜଳେଶ୍ୱରସ୍ଥିତ କବିପୀଠ ମୁଣ୍ଡୁଣିଆଠାରେ ଅନୁଷ୍ଠିତ ହୋଇଯାଇଛି । କବି ବ୍ରଜେନ୍ଦ୍ର ନାଥ ଗିରିଙ୍କ ଅଧକ୍ଷତାରେ ଏକ କବିତା ପାଠୋତ୍ସବ ଓ ନୃତ୍ୟ-ସଙ୍ଗୀତ ଆସର ଅନୁଷ୍ଠିତ ହୋଇଯାଇଛି । ଏଥିରେ କବି ଶ୍ରୀକୁମାର, ତାନଶ୍ରୀ ପାଣିଗ୍ରାହୀ ଓ ଅଧାପିକା ଇନ୍ଦୁମତି ଗିରି ପ୍ରମୁଖ ସଂଯୋଜନା କରି ବିଷୁବ କବିତା ପାଠୋତ୍ସବ ମହକ ସମ୍ପର୍କରେ କହିଥିଲେ । ନଳିନୀକାନ୍ତ ମହାପାତ୍ର, କାର୍ତ୍ତିକ ଚନ୍ଦ୍ର ଦାସ, ଅଟଳ ବିହାରୀ ନାୟକ, ଶଶିକାନ୍ତ ପ୍ରଧାନ, କଲ୍ୟାଣୀ ନନ୍ଦ, କାଳନ୍ଦି ମଲ୍ଲିକ, ନିକୁଞ୍ଜ ଘୋଷ, ବସନ୍ତ ଦାସ, ରିତାରାଣୀ ଦାସ, ଶାନ୍ତିଲତା ପଣ୍ଡା, ମମତା ଦାସ, ସୁଶୀଲ ମାହାନା, ମିନତୀ ପଣ୍ଡା, ବଙ୍କିମ ଦେ, ସବିତା ପାଠୀ, ବାସନ୍ତୀ ଦେ, ସୁଭାସିନୀ ଜି, ବାସନ୍ତି କର, ରଞ୍ଜନ କୁମାର ଘୋଷ, ସ୍ନେହଲତା ପାତ୍ର, ସତ୍ରଭାମା ଜେନା, ସ୍ନେହଲତା ପାତ୍ର, ତିର୍ଥେଶ ଚନ୍ଦ୍ର ରାୟ, ବିଜୟ ନନ୍ଦ, କୃଷ୍ଣା ପ୍ରଧାନ, ମନୋରଞ୍ଜନ ଦାସମହାପାତ୍ର, ମହେଶ୍ୱର ଘୋଷ ପ୍ରମୁଖ ବହୁ କବି କବିତା ପାଠ କରିଥିଲେ। ପ୍ରାଧାପକ ବିପିନ ବିହାରୀ ବିଶ୍ୱାଳ ସଞ୍ଚାଳନା କରିଥିବା ବେଳେ ବିପ୍ଲବ ପ୍ରଧାନ ଧନ୍ୟବାଦ ପ୍ରଦାନ ଦେଇଥିଲେ ।

### ଆମ ପୋଲିସ ସମିତି ବୈଠକ

**ଉଦଳା,୨୬।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଢ଼ିହିରାକୁଳ ଗ୍ରାମରେ ଆମ ପୋଲିସ ସମିତି ବୈଠକ ମଙ୍ଗଳବାର ଦିନ ହୋଇଯାଇଛି। ବୈଠକରେ ରାଢ଼ୋ ଏବଂ କୋଚିଲାଡିହା ପଞ୍ଚାୟତର ନବ ନିର୍ବାଚିତ ଲୋକ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଦୁଇଟି ପଞ୍ଚାୟତର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଉପସ୍ଥିତ ଥିଲେ। ଆଇଆଇସି ନିରୋଜ କୁମାର ସାମଲ ଗ୍ରାମବାସୀଙ୍କୁ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨ନଂ. ଜୋନ ଜିଲା ପରିଷଦ ସଦସ୍ୟ ଲଳିତା ବିଶୋଇ, ରାଢ଼ୋ ସରପଞ୍ଚ ବସେନ ମାରାଣ୍ଡି, ଢ଼ିହିରାକୁଳ ଗ୍ରାମର ବରିଷ୍ଠ ନାଗରିକ ସୋମନାଥ ପୃଷ୍ଟି ଏବଂ ଦୁଇ ପଞ୍ଚାୟତର ସମିତି ସଭ୍ୟ ମଞ୍ଚାସୀନ ହୋଇ ପୋଲିସ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଥାନାର କ୍ରାଇମ ହାବିଲଦାର କାରୁହରି ମାଝୀ, ବିଶ୍ୱନାଥ ପଣ୍ଡା, ନରହରି ପଣ୍ଡା, କୈଳାଶ ହାତୀ, ସ୍ୱରୂପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଭା କାର୍ଯ୍ୟକୁ ବରିଷ୍ଠ ଖବରଦାତା ସନ୍ତୋଷ କୁମାର ବାଛିନି ପରିଚାଳନା କରିଥିଲେ।

### ବିଦ୍ୟୁତକାଟ୍ ବନ୍ଦ ପାଇଁ ଦାବିପତ୍ର

**ବାଲେଶ୍ୱର ଅଫିସ, ୨୬।୪:** ବାଲେଶ୍ୱର ଜିଲାରେ ଅତ୍ୟଧିକ ବିଦ୍ୟୁତକାଟ୍ ଯୋଗୁ ଲୋକେ ଅତିଷ୍ଠ ହୋଇପଡିଛନ୍ତି। କିଛିଦିନ ଧରି ପ୍ରବଳ ଗ୍ରୀଷ୍ମପ୍ରବାହ ବଢ଼ି ଚାଲିଛି। ବାରମ୍ବାର ବିଦ୍ୟୁତକାଟ୍ ଯୋଗୁ ଆବାଳ ବୃଦ୍ଧବନିତା ଅସହ୍ୟ ଗରମରେ ଛଟପଟ ହେଉଛନ୍ତି। ଏଭଳି ସ୍ଥିତିରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଛାତ୍ର ସମାଜ। ମାତ୍ର ୨ଦିନ ପରେ ଯୁକ୍ତ ୨ ଓ ୩ ଦିନ ପରେ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଅସହ୍ୟ ଗରମ ସହ ବାରମ୍ବାର ବିଦ୍ୟୁତକାଟ୍ ଯୋଗୁ ଛାତ୍ରୀଛାତ୍ର ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହାର ସମାଧାନ ପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବାଲେଶ୍ୱର ଶାଖା ପକ୍ଷରୁ ଏସ୍‌ଡିଓ ୧ ନଂ. ବାଲିଆ ଓ ୨ନଂ. କାଳୀମନ୍ଦିର ଉପବିଭାଗ ଟିପିଏନ୍‌ଓଡିଏଲ୍‌କୁ ଭେଟି ସମସ୍ୟା ଜଣାଇବା ସହ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏବିଭିପି ଓଡ଼ିଶାର ପ୍ରାନ୍ତ କାର୍ଯ୍ୟକାରୀ ପରିଷଦ ସଦସ୍ୟ ରଜତ କୁମାର ପାତ୍ର, ନଗର ସହସମ୍ପାଦକ ସୁଶାନ୍ତ ଚୌଧୁରୀ, ଅସୀମ ରଞ୍ଜନ ଖୁଣ୍ଟିଆ, ଗୌରହରି ଲେଙ୍କା ଓ ରାଜ୍ୟ ସହସମ୍ପାଦକ ଅରିଜିତ ପଟ୍ଟନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# 'ପ୍ରାକୃତିକ କୃଷି ପାଇଁ ବିପ୍ଳବର ଆବଶ୍ୟକତା ରହିଛି'

**ସିମୁଳିଆ, ୨୬।୪(ଡି.ଏନ.ଏ.)**



ବିଭିନ୍ନ ଅତିଥିଙ୍କ ଗହଣରେ ଉଦ୍ୟାନ ଅଧିକାରୀ ଉର୍ମିଳା ମହାପାତ୍ର ସୂଚନା ଦେଉଛନ୍ତି।

କୃଷକମାନେ ପାରମ୍ପରିକ ରାସାୟନିକ କୃଷି ପରିବର୍ତ୍ତେ ପ୍ରାକୃତିକ କୃଷିକୁ ପ୍ରାଧାନ୍ୟ ଦେବା ଉଦ୍ଦେଶ୍ୟରେ ମଙ୍ଗଳବାର ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କୃଷି ବିଜ୍ଞାନମେଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ବାଲେଶ୍ୱର ଓ ଭଦ୍ରକ ଜିଲାରୁ ୩ଶହରୁ ଉର୍ଦ୍ଧ୍ୱ ଚାଷୀ, କୃଷି ଉଦ୍ୟୋଗୀ, କୃଷକ ଉତ୍ପାଦନ ସଙ୍ଗଠନ ଓ ବୈଜ୍ଞାନିକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ।

ଭଦ୍ରକ ଜିଲା ମୁଖ୍ୟ କୃଷି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କୃଷି ବିଜ୍ଞାନକେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଅରବିନ୍ଦ ଦାସ ସରକାରଙ୍କ ସହ ବୈଜ୍ଞାନିକମାନେ

**କୃଷି ବିଜ୍ଞାନ ମେଳା**

ମଧ୍ୟ ପ୍ରାକୃତିକ କୃଷି ଦିଗରେ ଅଧିକ ଗବେଷଣା ପାଇଁ ପଦକ୍ଷେପ ନେଉଛନ୍ତି। ତେଣୁ ପ୍ରତ୍ୟେକ ଚାଷୀ ଓ ବ୍ୟକ୍ତିବିଶେଷ ଏହି ଦିଗରେ ବିପ୍ଳବ ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ବରିଷ୍ଠ ବୈଜ୍ଞାନିକ ଡ. ଉମାଶଙ୍କର ନାୟକ ପ୍ରାକୃତିକ କୃଷିପଦ୍ଧତି ସମ୍ପର୍କରେ ସୂଚନା ଦେବା ସହିତ ଫସଲରେ ରୋଗ ପୋକ ଓ ନିୟନ୍ତ୍ରଣ, କୃଷି ପରିବେଶରେ ବିଭିନ୍ନତା ରକ୍ଷା, ଅନ୍ତଫସଲ, ଜିଆଖତ, ପକ୍ଷୀମାନଙ୍କ ଦ୍ୱାରା କୀଟ ନିୟନ୍ତ୍ରଣ, ଜୈବବିବିଧତା ସମ୍ପର୍କରେ ସୂଚନା ଦେଇଥିଲେ। ବୈଜ୍ଞାନିକ ଦେବୀପ୍ରସାଦ ଦାଶ କୃଷି ପାଇଁ ମାଟିର ସ୍ୱାସ୍ଥ୍ୟପରୀକ୍ଷା, ତଦନୁସାରେ ଖାଦ୍ୟସାର ପ୍ରୟୋଗ ଓ ସନ୍ତୁଳିତ ଆହାର ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ୮ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ପ୍ରାକୃତିକ କୃଷି ସନ୍ଦର୍ଭକୁ ନେଇ କୃଷକ ଓ ବୈଜ୍ଞାନିକମାନଙ୍କ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉଦ୍ୟାନ ବିଭାଗ ମୁଖ୍ୟ ଉର୍ମିଳା ମହାପାତ୍ର, ମତ୍ସ୍ୟ ବିଭାଗୀୟ ଅଧିକାରୀ ମନୋରଞ୍ଜନ ଦାସ, ଭଦ୍ରକ ଜିଲା କୃଷି ଅଧିକାରୀ ପ୍ରସାଦ କୁମାର ନାୟକ, ବୈଜ୍ଞାନିକ ଡ. ଭଗବାନ କବାଟ ପ୍ରମୁଖ ଯୋଗ ଦେଇଥିଲେ। ରାଣୀତାଲ କୃଷି ବିଜ୍ଞାନକେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀ ସହଯୋଗୀ ଥିଲେ।

# ଯାତ୍ରୀଙ୍କ ହାତଟେକାକୁ ଚାହିଁ ରହିଛନ୍ତି ଅସହାୟ


ପ୍ରଚଣ୍ଡ ଖରାରେ ଯାତ୍ରୀଙ୍କୁ ପ୍ରତୀକ୍ଷା କରିଥିବା ଅସହାୟମାନେ।

**ଆରଡି,୨୬।୪(ଡି.ଏନ.ଏ.)**

ଭଦ୍ରକ ଜିଲାର ଶୈବପୀଠ ଆରଡ଼ି ଅଞ୍ଚଳରେ ଶୁକ୍ରବାର ପାରଦ ୪୨ ଡିଗ୍ରୀ ଛୁଇଁଛି। ଚାରିଆଡେ ଡହଡହ ଖରା। ପୀଠକୁ କମ୍ ସଂଖ୍ୟକ ଯାତ୍ରୀ ଆସୁଛନ୍ତି। ରାସ୍ତାଘାଟ ଖାଁଖାଁ। ହେଲେ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ବେଢ଼ା ନିକଟରେ ବସିରହିଛନ୍ତି କିଛି ଅସହାୟ ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗ । କିଏ ଛତା ମାରି ବସିଛନ୍ତି ତ କିଏ ମୁଣ୍ଡରେ ଗାମୁଛା ପକାଇ ଯାତ୍ରୀଙ୍କ ସହାୟତାକୁ ଚାହିଁ ରହିଛନ୍ତି। ଯାତ୍ରୀଙ୍କ ହାତଟେକାରେ ଚଳେ ଏମାନଙ୍କ ସଂସାର । ଦିନରେ ପାଳିଆ ସେବାୟତଙ୍କ ଅନ୍ନଦାନରେ ଏମାନଙ୍କ ପେଟ ପୁରେ। ଖରା ନଇଁଲେ ସମସ୍ତେ ଆଶ୍ରୟ ନିଅନ୍ତି ସ୍କୁଲ କିମ୍ବା ସରକାରୀ କାର୍ଯ୍ୟାଳୟ ପିଣ୍ଡାରେ । ଖରା, ବର୍ଷା, ଶୀତ ଏମାନଙ୍କର ଦେହସୁହା ହୋଇଗଲାଣି। ସରକାରୀ ଓ ବେସରକାରୀସ୍ତରରେ ଜିଲାର ବିଭିନ୍ନ ସ୍ଥାନରେ ଦାତବ୍ୟ ଅନୁଷ୍ଠାନ ଖୋଲିଛି। ଜରାଶ୍ରମ ମଧ୍ୟ କାର୍ଯ୍ୟ କରୁଛି। ପୀଠକୁ ଜିଲାପାଳଙ୍କଠାରୁ ଆରମ୍ଭକରି ବହୁ ଉଚ୍ଚ ପଦସ୍ଥ ଅଧିକାରୀ ବିଭିନ୍ନ ସମୟରେ ଆସିଥାନ୍ତି। ହେଲେ ଏହି ଅସହାୟମାନଙ୍କ ଉପରେ କିପରି ସେମାନଙ୍କ ନଜର ପଡେନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଭୋକ ଉପାସରେ ଏମାନଙ୍କ ଦିନ କଟୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ରାଜନେତାମାନଙ୍କ ଦୃଷ୍ଟି ବି ଏହି ଅସହାୟଙ୍କ ଉପରେ ପଡ଼େନା । ଏହି ଅସହାୟମାନଙ୍କୁ ବିଭିନ୍ନସ୍ତରରେ ସାହାଯ୍ୟ କରିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବିମାନେ ଦାବି କରିଛନ୍ତି। ଏମାନଙ୍କ ଖାଇବା ଓ ରହିବା ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ଜିଲାପାଳ ଓ ଉପଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହି ଅସହାୟଙ୍କୁ ଥଇଥାନ କରିବାକୁ ସ୍ୱେଚ୍ଛାସେବୀ ସଂଗଠନ ନବଜୀବନ ଫାଉଣ୍ଡେସନର କର୍ମକର୍ତ୍ତା ମାନସ କୁମାର ସାହୁ ଦାବି କରିଛନ୍ତି।

# ଦୁର୍ଘଟଣା ମୃତ୍ୟୁ ପ୍ରତିବାଦରେ ରାସ୍ତା ଅବରୋଧ


ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

**ବାଙ୍ଗିରିପୋଷି,୨୬।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ବାଙ୍ଗିରିପୋଷି-କଳାବାଡ଼ିଆ ରାସ୍ତା ଦସରାପଦା ଛକ ନିକଟରେ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିବାରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ବଣକାଟୀ ଗ୍ରାମର ଦେବେନ୍ଦ୍ର ନାଏକ। ମଙ୍ଗଳବାର ମଧ୍ୟାହ୍ନ ୧୨ଟା ସମୟରେ ଦେବେନ୍ଦ୍ର କାମ ସାରି ଘରକୁ ଫେରୁଥିବା ବେଳେ ପଛରୁ ଆସୁଥିବା ଏକ ପାଣି ବୋତଲ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ହଠାତ୍ ତାଙ୍କ ଉପରେ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ ଦାବିରେ ସ୍ଥାନୀୟ ଲୋକେ ଦସରାପଦା ଛକ ନିକଟରେ ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ହୋଇ ଯାଇଥିଲା। ବାଙ୍ଗିରିପୋଷି ଥାନା ଅଧିକାରୀ ସଞ୍ଜୟ କୁମାର ପରିଡ଼ା ଏବଂ ତହସିଲଦାର ସତ୍ୟବାନ ନାଏକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ମୃତକଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କା ସାହାଯ୍ୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୭୯/୨୨) ରୁଜୁ ହୋଇଛି।

### ମହାସଂଘର ଟଙ୍କା ହଡ଼ପ ଘଟଣାରେ ନୂଆ ମୋଡ଼

## ଏମ୍‌ବିକେଙ୍କ ସମ୍ପୃକ୍ତିକୁ ନେଇ ଚର୍ଚ୍ଚା

**ପଦ୍ମପୁର,୨୬।୪(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଇରମ ପଞ୍ଚାୟତରେ ମହାସଂଘ ଟଙ୍କା ହଡ଼ପ ଅଭିଯୋଗ ତୀବ୍ର ହେବାରେ ଲାଗିଛି। ଏହି ମହାସଂଘ ୭୫ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ଗଠିତ। ସରକାରଙ୍କ ଦ୍ୱାରା ଗାଁ ଗହଳିରେ ମହିଳାଙ୍କ ଉନ୍ନତି ପାଇଁ ମହାସଂଘକୁ ଆସୁଥିବା ଟଙ୍କାକୁ ଏମ୍‌ବିକେ(ମାଷ୍ଟର ବୁକ୍ କିପର)ଙ୍କ ମାଧ୍ୟମରେ ଗୋଷ୍ଠୀ ଗୁଡ଼ିକୁ ଟଙ୍କା ନେଣଦେଣ ହୋଇଥାଏ। ସୂଚନାଯୋଗ୍ୟ ଇରମ ମହିଳା ମହାସଂଘ ସଭାନେତ୍ରୀ ଓ ସମ୍ପାଦିକାଙ୍କ ଉପରେ ୧୮ ଲକ୍ଷ ୮୦ ହଜାର ଟଙ୍କା ହାତଜମା ଅଛି ବୋଲି ଏମ୍‌ବିକେ ଦର୍ଶାଇଥିବା ରିପୋର୍ଟ ମିଛ ବୋଲି ସଂଘ ସଭାନେତ୍ରୀ ଓ ସମ୍ପାଦିକା ପ୍ରକାଶ କରିଛନ୍ତି। ୨୦୧୨ରୁ ଏହି ସଂଘ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ସବୁ ସମୟରେ ଗ୍ରୁପ ଗୁଡ଼ିକ ଟଙ୍କା ଆଣି ପୁର୍ନବାର ଫେରସ୍ତ କରିଥାନ୍ତି। ହେଲେ କିଛି ବର୍ଷ ହେବ ଗ୍ରୁପ ଗୁଡ଼ିକ ଟଙ୍କା ଦେଉଛନ୍ତି ରଶିଦ ପାଉନାହାନ୍ତି। ଏହି ୧୮ ଲକ୍ଷ ୮୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେରଫେର ହୋଇଛି ବୋଲି ସାମାଜିକକର୍ମୀ ଅକ୍ଷୟ କୁମାର ମହାପାତ୍ରଙ୍କ ସୂଚନା ଅଧିକାର ଆଇନ ବଳରେ ପ୍ରକାଶ କରିଛନ୍ତି। ଏନେଇ ଇରମ ମହାସଂଘର ସଭାନେତ୍ରୀ ଓ ସମ୍ପାଦିକା ଓଏଲ୍‌ଏମ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି। ବିଡିଓ ସତ୍ୟଜିତ ରାଉତଙ୍କୁ ଏ ବାବଦରେ ପଚାରିବାରୁ ସେ ଜୀବିକା ମିଶନର ପ୍ରକଳ୍ପ ପରିଚାଳିକା ବୀଣାପାଣି ପଣ୍ଡାଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ପୁତୁରା ମାଡ଼ରେ କକା ଗୁରୁତର, ୨ ଗିରଫ

**ସଜନାଗଡ଼, ୨୬।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲ ନୀଳଗିରି ଥାନା ବାଉଁଶବଣିଆ ଗ୍ରାମରେ ସମ୍ପତ୍ତିକୁ ନେଇ କକା ଓ ପୁତୁରା ମଧ୍ୟରେ ଗଣ୍ଡଗୋଳ ହୋଇଛି। ପୁତୁରା ଆକ୍ରମଣରେ କକା ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ବେଣୁଧର ବେହେରା ଓ ତାଙ୍କ ସାନଭାଇ ଗଦାଧର ବେହେରା ଉଭୟ ମିଶି ନୀଳଗିରି ବସ୍‌ଷ୍ଟାଣ୍ଡ ବାଇପାସ୍ ନିକଟରେ ଜାଗା କିଣିଥିଲେ। ସାନଭାଇ ଗଦାଧର ନିଜ ଅଂଶରେ ଏକ ପକ୍କାଘର ନିର୍ମାଣ କରି ରହିଆସୁଥିଲେ। ଉକ୍ତ ସ୍ଥାନରେ ବଡ଼ଭାଇ ବେଣୁଧର ଅନ୍ୟ ଏକ ଘର କରିଥିବା ବେଳେ ୨ ଭାଇଙ୍କ ମଧ୍ୟରେ ଜାଗା କମ୍ ବେଶୀକୁ ନେଇ କିଛିଦିନ ହେବ ପାଟିତୁଣ୍ଡ ଲାଗି ରହିଥିଲା। ମଙ୍ଗଳବାର ପୂର୍ବାହ୍ନରେ ବେଣୁଧର ଓ ତାଙ୍କ ପୁଅ ରାଜେଶ ଉଭୟ ମିଶି ବାଡ଼ ଘେରୁଥିବା ବେଳେ ସାନଭାଇ ଗଦାଧର ପ୍ରତିବାଦ କରିବାରୁ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ଦେଖାଦେଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବେଣୁଧର ଓ ରାଜେଶ ମିଶି ଗଦାଧରଙ୍କୁ ଆକ୍ରମଣ କରିବା ଯୋଗୁ ସେ ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲେ। ଏଥିରେ ପୁତୁରା ରାଜେଶ ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ଏନେଇ ନୀଳଗିରି ଥାନାରେ ଉଭୟଙ୍କ ପକ୍ଷରୁ ଦୁଇଟି ମାମଲା (ନଂ. ୧୫୫/୨୨ ଓ ୧୫୬/୨୨) ରୁଜୁ ହୋଇଛି। ସେହିପରି ଏହି ଘଟଣାରେ ପୋଲିସ ବଡ଼ଭାଇ ବେଣୁଧର ଓ ପୁତୁରା ରାଜେଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ ଗଦାଧରଙ୍କୁ ପ୍ରଥମେ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# କଲେଜରେ ନାହାନ୍ତି ସ୍ଥାୟୀ ଅଧ୍ୟାପକ

**କେନ୍ଦୁଝର, ୨୬।୪ (ଡି.ଏନ୍.ଏ.)**

କେନ୍ଦୁଝର ଜିଲାର ଧରଣୀଧର ଜୁନିଅର ମହାବିଦ୍ୟାଳୟର ବେଶ୍ ଖ୍ୟାତି ରହିଛି। ମାତ୍ର ଏହି କଲେଜରେ ମୋଟ୍ ସ୍ଥାୟୀ ପଦବୀ ମଧ୍ୟରୁ ଗୋଟିଏ ବି ଅଧ୍ୟାପକ ପଦବୀରେ ଅଧ୍ୟାପକ ନାହାନ୍ତି।

ମିଳିଥିବା ସୂଚନା ଅନୁସାରେ ଏହି ଜୁନିୟର କଲେଜରେ ମୋଟ୍ ୨୯ଟି ସ୍ଥାୟୀ ପଦବୀ ରହିଛି। ଏହି ପଦବୀ ମଧ୍ୟରୁ ଗୋଟିଏ ଅଧକ୍ଷ ପଦ ରହିଥିବା ବେଳେ ଏହା ମଧ୍ୟ ଖାଲି ପଡିଛି। ସେହିପରି ନୃତତ୍ତ୍ୱ ବିଜ୍ଞାନ ବିଭାଗର ଅଧ୍ୟାପକ ପଦବୀଟି ମଧ୍ୟ ଖାଲି ପଡିଛି । ଏହା ବ୍ୟତୀତ ଉଦ୍ଭିଦ ବିଜ୍ଞାନର ୨ଟି ପଦବୀ, ରସାୟନ ବିଜ୍ଞାନର ୩ଟି ପଦବୀ, ବାଣିଜ୍ୟ ବିଭାଗ ୪ଟି ପଦବୀ, ଅର୍ଥନୀତି ବିଭାଗର ୨ଟି ଅଧ୍ୟାପକ ପଦବୀ ଫାଙ୍କା ପଡିଛି । ଏହା ବାଦ୍ ଇଂରାଜୀ ବିଭାଗର ୩ଟି ଓ ଇତିହାସ, ଭୂତତ୍ତ୍ୱ ବିଜ୍ଞାନ, ଗଣିତ, ଓଡିଆ ଆଦି ବିଭାଗ ଗୁଡିକରେ ମଧ୍ୟ ସ୍ଥାୟୀ ଅଧ୍ୟାପକ ନାହାନ୍ତି। ମୋଟାମୋଟି ଭାବେ ଏଠାରେ ୨୯ଟି ପଦବୀ ସ୍ଥାୟୀ ଥିଲା । ପ୍ରକାଶ ଯୋଗ୍ୟ, ପୂର୍ବରୁ ଏଠାରେ ୨୨ଜଣ ସ୍ଥାୟୀ ଅଧ୍ୟାପକ ରହିଥିଲେ। ତେବେ ଧୀରେ ଧୀରେ ସମସ୍ତଙ୍କର ବଦଳି ହୋଇଯାଇଛି । ଏହି ଡି.ଡି. ଜୁନିୟର କଲେଜରେ ଅଳ୍ପ କେତେକ ବିଭାଗରେ ଅତିଥି ଅଧ୍ୟାପକରେ ଅଧ୍ୟାପନା କାମ ଚାଲିଛି । ସରକାରଙ୍କର ଡି.ଡି. ଜୁନିୟର କଲେଜ ପ୍ରତି ଏଭଳି ବୈମାତୃକ ମନୋଭାବକୁ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରୁଥିବା ବେଳେ ଶୀଘ୍ର ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ପାଇଁ ଦାବି ହେଉଛି ।

# 'ଯୋଗ ସୁସ୍ଥ ଜୀବନର ମୂଳାଧାର'


ଅନୁଷ୍ଠିତ ଯୋଗ ଶିବିର।

**ପଦ୍ମପୁର, ୨୬।୪(ଡି.ଏନ.ଏ.)**

ଭାରତୀୟ ସଂସ୍କୃତିରେ ଯୋଗ ଓ ପ୍ରାଣାୟମ ହେଉଛି ସୁସ୍ଥ ଜୀବନର ମୂଳ ଆଧାର। ମଙ୍ଗଳବାର ଯୋଗ ଦିବସ ଉପଲକ୍ଷେ ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ଚତରପଦା ଠାରେ ଶତାଧିକ ଛାତ୍ରୀଛାତ୍ରଙ୍କର ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀମାତା ସଂସ୍କୃତି ମହାବିଦ୍ୟାଳୟର ଅଧକ୍ଷ କୁଶଦେବ ମଲ୍ଲିକ, ଭଦ୍ରକ ଜିଲା ପତଞ୍ଜଳୀ ଯୋଗ ଅନୁଷ୍ଠାନର ପ୍ରଶିକ୍ଷକ ବସନ୍ତ ଖିଲାର, ସଞ୍ଜୟ ସ୍ୱାଇଁ, ମନୋରଞ୍ଜନ ମହାପାତ୍ର, ମୋନାଲିସା ନାୟକ, ରମାକାନ୍ତ ଡାଙ୍ଗୁଆ ପ୍ରମୁଖ ଯୋଗ ଶିକ୍ଷା ଦେଇଥିଲେ। ଯୋଗ ଓ ପ୍ରାଣାୟମ ନିୟମିତ ଅଭ୍ୟାସ କଲେ ପ୍ରତ୍ୟେକ ମଣିଷ ସୁସ୍ଥ ଓ ନୀରୋଗ ରହିବେ ବୋଲି ଯୋଗ ଶିକ୍ଷାଦାତା ମାନେ ମତପ୍ରକାଶ କରିଥିଲେ। ଏହାପରେ ବିଭିନ୍ନ ଆସନ ଓ ପ୍ରାଣାୟମର ଅଭ୍ୟାସ କରାଯାଇଥିଲା।

# ଦେବୋତ୍ତର ବିଭାଗ କାର୍ଯ୍ୟାଳୟ ଘେରିବ ଭଞ୍ଜସେନା

**ବାରିପଦା ଅଫିସ,୨୬।୪**

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ରଥ ନିର୍ମାଣ ନିମନ୍ତେ ଆବଶ୍ୟକ କାଠ ଯୋଗାଣରେ ବିଳମ୍ବତାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ରଥ ମହାପାତ୍ର, ରଥ ମହାରଣା ଓ ବାଛିଆ ସେବାୟତ ମାନେ ଜିଲାପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି। ନିର୍ମାଣ ନିମନ୍ତେ ଆବଶ୍ୟକ କାଠ, ରଥ ଖଳାରେ ଅସ୍ଥାୟୀ ଟେଣ୍ଟ, ବିଦ୍ୟୁତ୍, ପାନୀୟ ଜଳ ସହିତ

**ରଥ ନିର୍ମାଣକୁ ନେଇ ଅନିଶ୍ଚିତତା**

ଆନୁସଙ୍ଗିକ ବ୍ୟବସ୍ଥା ଖୁବ୍ ଶୀଘ୍ର କରିବାକୁ ଦାବି କରିଛନ୍ତି। ଏହାକୁ ନେଇ ଭଞ୍ଜସେନା ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଆଗାମୀ ୨୯ତାରିଖରେ ଦେବୋତ୍ତର ବିଭାଗ ଦାୟିତ୍ୱରେ ଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ପ୍ରଶାସନିକ ଦାୟିତ୍ୱହୀନତାରୁ ଗଚ୍ଛିତ ଥିବା କାଠର ଯତ୍ନ ନିଆଯାଉ ନ ଥିବା ଓ ପ୍ରତିବର୍ଷ ଆସୁଥିବା ନୂତନ କାଠଗୁଡ଼ିକ ବାଟମାରଣା ହୋଇ ଯାଉଥିବାରୁ ରଥ ନିର୍ମାଣରେ ଅନିଶ୍ଚିତତା ଦେଖାଦେଇଥିବା ଅଭିଯୋଗ ହୋଇଛି। ଅକ୍ଷୟ ତୃତୀୟା ଦିନ ଚକରେ ଅଖ ଲାଗିବା ପରମ୍ପରା ରହିଛି। ତେବେ ରଥ ନିର୍ମାଣ ପାଇଁ ଆବଶ୍ୟକ କାଠର ଅଭାବ ଦର୍ଶାଇ ବାରମ୍ବାର ଅଭିଯୋଗ କରାଯିବା ପରେ ମଧ୍ୟ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉ ନାହିଁ। ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଉଥିଲେ ହେଁ ରଥ କାରିଗରଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ।

### ଚୋରା ମଦ ଜବତ: ୩ ଗିରଫ

**ସୋର, ୨୬।୪(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ଅଶୋକ ଶତପଥୀଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ସୋର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ବିଦେଶୀ ମଦ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ସୋର ଥାନା ଗୁଡ଼ ଗ୍ରାମର ଅଜିତ ନାୟକ, ସୁଶାନ୍ତ ମହାପାତ୍ର, ତାଳପଦା ଗ୍ରାମର ସୁବାସ ଦାସ । ଏହି ଚଢ଼ାଉରେ ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ଗାଲୁରାମ ସରେନ୍, ଅବକାରୀ ଏଏସ୍‌ଆଇ ଉର୍ମିଳା ବେହେରା ସାମିଲ ଥିଲେ।

# କୁଳଡିହା ଜଙ୍ଗଲରେ ନିଆଁ

**ସୋର,୨୬।୪(ଡି.ଏନ୍.ଏ.)**



ସୋର ବ୍ଲକ ଶିଙ୍ଗାଖୁଣ୍ଟା ସରଳିଆ ନିକଟବର୍ତ୍ତୀ କୁଳଡିହା ଅଭୟାରଣ୍ୟ ଅଧୀନ ଦେବଗିରି ପାହାଡରେ ଥିବା ଜଙ୍ଗଲରେ ମଙ୍ଗଳବାର ନିଆଁ ଲାଗିଛି। ଫଳରେ ବ୍ୟାପକ ଜଙ୍ଗଲ ଅଞ୍ଚଳର ବିଭିନ୍ନ ଗଛ ପୋଡ଼ି ପାଉଁଶ ହୋଇଯାଇଛି। ଜଙ୍ଗଲ ସୁରକ୍ଷା କମିଟି ଜଙ୍ଗଲ ଜଗୁଆଳୀ ଶ୍ରୀକାନ୍ତ ହେମ୍ବ୍ରମ, ବନବିଭାଗ କର୍ମଚାରୀ ଦେବେନ୍ଦ୍ର ରାଉତ, ନିଆଁ ଲିଭାଳି ବସନ୍ତ ସେଠୀ ମେଶିନ ସହାୟତାରେ ଦୀର୍ଘସମୟ ଉଦ୍ୟମ କରି ନିଆଁକୁ ଆୟତ୍ତ କରିଥିଲେ। ଚଳିତ ମାସରେ ଏହା ଚତୁର୍ଥ ଥର ଅଗ୍ନିକାଣ୍ଡ ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି। ଶିକାରୀମାନେ ଗ୍ରୀଷ୍ମପ୍ରବାହ ସମୟରେ ଶୁଖିଯାଇଥିବା ଡାଳପତ୍ରରେ ନିଆଁ ଲଗାଇ ଦେଉଛନ୍ତି। ଏହାକୁ ତୁରନ୍ତ ରୋକାଯାଇ ନ ପାରିଲେ ବ୍ୟାପକ କ୍ଷତି ଘଟିବାର ଆଶଙ୍କା ରହିଛି। ବିଶେଷ କରି ଜଙ୍ଗଲ କର୍ମଚାରୀଙ୍କ ଅବହେଳା ଯୋଗୁ ଏହି ନିଆଁ ବାରମ୍ବାର ଲାଗି ବ୍ୟାପକ ଜଙ୍ଗଲ ସମ୍ପତ୍ତି ନଷ୍ଟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# 'ସ୍ୱାସ୍ଥ୍ୟସେବାକୁ ବ୍ରତ ଭାବେ ଗ୍ରହଣ କରାଯାଇଛି'

**ବାଲେଶ୍ୱର ଅଫିସ, ୨୬।୪**

ବାଲେଶ୍ୱର ଏଡିଏମ୍ ଛକସ୍ଥିତ ରୋଟାରୀ କ୍ଲବ ଅଧୀନ ଚକ୍ଷୁ ଓ ଦନ୍ତ ଚିକିତ୍ସାଳୟର ସପ୍ତମ ବର୍ଷ ପୂର୍ତ୍ତି ସମାରୋହ ପାଳନ କରାଯାଇଛି। ସମାରୋହରେ କ୍ଲବ ସଭାପତି ଡ. ରାଜଲକ୍ଷ୍ମୀ ଯତି ସଭାପତିତ୍ୱ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚକ୍ଷୁ ସେବା କ୍ଷେତ୍ରରେ ରୋଟାରୀ କ୍ଲବର ଅତୁଳନୀୟ ଅବଦାନକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦୁଲାଲସେନ ଜଗଦ୍ଦେବ ରୋଟାରୀ ସ୍ୱାସ୍ଥ୍ୟସେବାକୁ ବ୍ରତ ହିସାବରେ ଗ୍ରହଣ କରି ବାଲେଶ୍ୱର ତଥା ଆଖପାଖ ସାଧାରଣ ଜନତାଙ୍କୁ

**ରୋଟାରି ଚକ୍ଷୁ, ଦନ୍ତ ଚିକିତ୍ସାଳୟର ୭ମ ବର୍ଷ ପୂର୍ତ୍ତି ସମାରୋହ**



ସପ୍ତମ ବର୍ଷ ପୂର୍ତ୍ତି ସମାରୋହରେ ଅତିଥିଗଣ।

ନିରବଛିନ୍ନ ସେବା ଯୋଗାଇ ଆସୁଥିବାରୁ ସମସ୍ତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ରୋଟାରୀ ଜିଲା ୩୨୬୨ର ଗଭର୍ନର (ପ୍ରାନ୍ତପାଳ) ରୋଟାରିଆନ ଶାନ୍ତନୁ କୁମାର ପାଣି ରୋଟାରୀ କ୍ଲବ ବାଲେଶ୍ୱର ଚକ୍ଷୁ ଓ ଦନ୍ତ ସେବା କ୍ଷେତ୍ରରେ ଯେପରି କାମ ଦୀର୍ଘ ୭ ବର୍ଷ ଧରି କରିଆସୁଛି ତାହା ଜିଲା ତଥା ଓଡ଼ିଶାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ଉଦାହରଣ ସୃଷ୍ଟି କରିଥିବାରୁ ସମସ୍ତ ସଭ୍ୟାସଭ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। ରୋଟାରୀ ଇଣ୍ଟରନ୍ୟାଶନାଲ ସଭାପତି ଶେଖର ମେହେଟ୍ଟା ଆଭାସୀ ମାଧ୍ୟମରେ ଯୋଡ଼ି ହୋଇ କ୍ଲବର ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ରୋଟାରୀ ଚକ୍ଷୁ ଏବଂ ଦନ୍ତ ଚିକିତ୍ସା କିପରି ପ୍ରତ୍ୟେକ ଘରେ ଲୋକମାନଙ୍କୁ ସୁଯୋଗ ଦିଆଯାଇପାରିବ ଏବଂ ଆର୍ଥିକ ଅନଗ୍ରସର ଲୋକଙ୍କୁ କିଭଳି ବିନା ମୂଲ୍ୟରେ ଚିକିତ୍ସା କରାଯାଇପାରିବ ସେନେଇ ସମସ୍ତ ପଦକ୍ଷେପ ନେବାକୁ ଚକ୍ଷୁ ଚିକିତ୍ସାଳୟ ସଭାପତି ମାତୃଦତ୍ତ ଦାସ କହିଛନ୍ତି।

